# ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,
# ଲୋୟର ସୁକତେଲ ପୁନର୍ବାସ , ଥଇଥାନ , ଶିବିର ଓ କୋଠା ବିଭାଗ , ବଲାଙ୍ଗିର ,
## email Id- lsrrcbdbgr@gmail·com

**ବିଜ୍ଞାପନ- ବିସ୍ଥାପିତଙ୍କ ପାଇଁ ଷ୍ଟଲ ଆବଣ୍ଟନ**

ଏତଦ୍ୱାରା ଲୋୟର ସୁକତେଲ ପ୍ରକଳ୍ପରେ ବିସ୍ଥାପିତ ହୋଇଥିବା ଗ୍ରାମ ଗୁଡିକ ମଧ୍ୟରୁ ପରଧିଆପାଲି, କୋଇଣ୍ଡାପାଲି, ଖୁଣ୍ଟପାଲି, କଖାଲ, ସାନତେଲେନପାଲି, ବଡତେଲେନପାଲି, କୁଟେନସିଲେଟ, ଚୂଡାପାଲି, ବରପିଟା, ପୋଢମୁଣ୍ଡ, କଙ୍କରା, ଢୁଲୁସର ଏବଂ ଖଗସାବାହାଲର ବିସ୍ଥାପିତ ଲୋକମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନଙ୍କୁ ଲର୍କିପାଲି ସଦେଇପାଲି ସ୍ଥିତ ପୁନର୍ବସତି ଓ ଥଇଥାନ କଲୋନୀରେ ନିର୍ମାଣ କରାଯାଇଥିବା ମାର୍କେଟ କମପ୍ଲେକ୍ସ ଭଡା ଆକାରରେ ଆବଣ୍ଟନ ପାଇଁ ସେମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ ଗ୍ରହଣ ପ୍ରକ୍ରିୟା ଅଫ ଲାଇନ ମାଧ୍ୟମରେ ଆସନ୍ତା ୦୪.୦୭.୨୦୨୩ ସମୟ ପୂର୍ବାହ୍ନ ୧୦.୦୦ ଘଣ୍ଟା ରୁ ୧୨.୦୭.୨୦୨୩ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ଶେଷ ହେବ । ଆବେଦନକାରୀ ଅଧିକ୍ଷଣ ଯନ୍ତ୍ରୀ , ଲୋୟର ସୁକତେଲ ପୁନର୍ବାସ , ଥଇଥାନ , ଶିବିର ଓ କୋଠା ବିଭାଗ , ବଲାଙ୍ଗିରଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟ ଦିବସ ଓ ନିର୍ଘଣ୍ଟ ସମୟରେ ଟ଼ଂ ୫୦୦.୦୦ (ପାଞ୍ଚଶହ) ଫର୍ମ ବାବଦକୁ ଦେୟ ପ୍ରଦାନକରି ଫର୍ମ କିଣି ପାରିବେ । ଉକ୍ତ ଦେୟ ଫେରସ୍ତ ହେବନାହିଁ । ଇଚ୍ଛୁକ ଆବେଦନକାରୀ ଉପରୋକ୍ତ ସମୟ ସୀମା ମଧ୍ୟରେ ଅଧିକ୍ଷଣ ଯନ୍ତ୍ରୀ , ଲୋୟର ସୁକତେଲ ପୁନର୍ବାସ , ଥଇଥାନ , ଶିବିର ଓ କୋଠା ବିଭାଗ , ବଲାଙ୍ଗିରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ନିର୍ଦ୍ଧାରିତ ଫର୍ମରେ ଆବେଦନ କରି , ଆବେଦନ ଫର୍ମଟି ବନ୍ଦ ଲଫାପା ଭିତରେ ଭର୍ତ୍ତି କରି ନିର୍ଦ୍ଦିଷ୍ଟ ବାକ୍ସରେ ପକାଇବେ । ଏହା ତା- ୧୩.୦୭.୨୦୨୩ ଅପରାହ୍ନ ଘ.୧୧.୩୦ ମିନିଟରେ ଲୋୟର ସୁକତେଲ ସମ୍ମିଳନୀ ଗୃହ (Conference Hall) ରେ ଆବେଦନକାରୀ କିମ୍ବା ତାଙ୍କର ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ । ମାର୍କେଟ କମପ୍ଲେକ୍ସ ପାଇଁ ଆବଶ୍ୟକ ହେଉଥିବା ସୁରକ୍ଷା ରାଶି ଓ ମାସିକ ଭଡାର ତାଲିକା ସହିତ ଷ୍ଟଲର ପ୍ରକାର ନିମ୍ନରେ ପ୍ରଦାନ କରାଗଲା ।

| କ୍ରମିକ ସଂଖ୍ୟା | ଉପସ୍ଥିତି | ଷ୍ଟଲର ପ୍ରକାର | ଉପଲବ୍ଧ ଷ୍ଟଲ ସଂଖ୍ୟା | ସୁରକ୍ଷା ରାଶି (ଟଙ୍କାରେ) | ମାସିକ ଭଡା (ଟଙ୍କାରେ) | ମନ୍ତବ୍ୟ |
|---|---|---|---|---|---|---|
| ୧ | ବି ବ୍ଲକ , ପୁନର୍ବସତି ଓ ଥଇଥାନ କଲୋନୀ, ଲର୍କିପାଲି ସଦେଇପାଲି | ମାର୍କେଟ କମ୍ପ୍ଲେକ୍ସ **ତଳ ମହଲା** | ୧୦ | ୫୦୦୦୦.୦୦ | ୪୦୦୦.୦୦ | |
| | | ମାର୍କେଟ କମ୍ପ୍ଲେକ୍ସ **ପ୍ରଥମ ମହଲା** | ୧୦ | ୫୦୦୦୦.୦୦ | ୩୦୦୦.୦୦ | |
| ୨ | ବି ବ୍ଲକ , ପୁନର୍ବସତି ଓ ଥଇଥାନ କଲୋନୀ, ଲର୍କିପାଲି ସଦେଇପାଲି | ମାର୍କେଟ କମ୍ପ୍ଲେକ୍ସ **ତଳ ମହଲା** | ୧୦ | ୫୦୦୦୦.୦୦ | ୩୦୦୦.୦୦ | |
| ୩ | ଡି ବ୍ଲକ , ପୁନର୍ବସତି ଓ ଥଇଥାନ କଲୋନୀ, ଲର୍କିପାଲି ସଦେଇପାଲି | ମାର୍କେଟ କମ୍ପ୍ଲେକ୍ସ **ତଳ ମହଲା** | ୧୦ | ୫୦୦୦୦.୦୦ | ୩୦୦୦.୦୦ | |

**ଦୋକାନ ଆବଣ୍ଟନ ପାଇଁ ନିୟମ ଏବଂ ସର୍ତ୍ତାବଳୀ :**

୧. ପରଧିଆପାଲି, କୋଇଣ୍ଡାପାଲି, ଖୁଣ୍ଟପାଲି, କଖାଲ, ସାନତେଲେନପାଲି, ବଡତେଲେନପାଲି, କୁଟେନସିଲେଟ, ଚୂଡାପାଲି, ବରପିଟା, ପୋଢମୁଣ୍ଡ, କଙ୍କରା, ଢୁଲୁସର ଏବଂ ଖଗସାବାହାଲର ବିସ୍ଥାପିତ ପରିବାର ଦୋକାନ ଆବଣ୍ଟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ।

୨. ପରିବାର ପିଛା ମାତ୍ର ଗୋଟିଏ ଷ୍ଟଲ ପାଇଁ ଦରଖାସ୍ତ ଦେଇ ପାରିବେ । ଯଦି ଗୋଟିଏ ପରିବାର ଷ୍ଟଲ ପାଇସାରିଥିବେ ତେବେ ସେ ଆଉଥରେ ଦୋକାନ ଆବଣ୍ଟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ । ଏକରୁ ଅଧିକ ଦରଖାସ୍ତ ଗୋଟିଏ ପରିବାର ପାଇଁ ବିଚାରକୁ ନିଆଯିବ ନାହିଁ ।

୩. ଯୋଗ୍ୟ ବିବେଚିତ ହୋଇ ଷ୍ଟଲ ପାଇଥିବା ଆବେଦନକାରୀ ସାତଦିନ ମଧ୍ୟରେ ୫୦୦୦୦.୦୦ (ପଚାଶ ହଜାର) ଟଙ୍କାର N.S.C/ Post Office Savings Bank Account/ Post Office Time Deposit Account/ Kishan Vikash Patra/ Bank Guarantee/ Fixed Deposit from any Nationalized/ Scheduled Bank in India pledged in favour of Superintending Engineer, Lower Suktel R.R.C. & B. Division, Balangir.

ଅ଼ ପୃ଼ଦେ଼

୪. ଯୋଗ୍ୟ ବିବେଚିତ ବ୍ୟକ୍ତି ଅଧିକାରୀଙ୍କ ସହିତ ଏକ ଚୁକ୍ତିନାମା ସାତଦିନ ମଧ୍ୟରେ କରିବେ ।

୫. ପୂରଣ କରାଯାଇଥିବା ଦରଖାସ୍ତ ଏବଂ ଘୋଷଣା ନାମାରେ ସ୍ୱାକ୍ଷର କରି ଆବଶ୍ୟକ ନଥିପତ୍ର ସହିତ ଲଫାପା ଭିତରେ ଭର୍ତ୍ତି କରି ଅଧିକ୍ଷଣ ଯନ୍ତ୍ରୀ , ଲୋୟର ସୁକତେଲ ପୁନର୍ବାସ , ଥଇଥାନ , ଶିବିର ଓ କୋଠା ବିଭାଗ , ବଲାଙ୍ଗିରଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ।

୬. ଆବେଦନ କରିଥିବା ଦରଖାସ୍ତ ଓ ଦସ୍ତାବିଜ ପ୍ରକଳ୍ପର ଯାଞ୍ଚ କମିଟି ଦ୍ୱାରା ଯାଞ୍ଚ କରାଯିବ ଏବଂ ଯୋଗ୍ୟ ବିବେଚିତ ପ୍ରାର୍ଥୀ ମାନଙ୍କୁ ଦରଖାସ୍ତକାରୀ ମାନଙ୍କର ଉପସ୍ଥିତିରେ ଲଟେରି ମାଧ୍ୟମରେ ଷ୍ଟଲ ଯୋଗାଇ ଦିଆଯିବ ।

୮. କୌଣସି କାରଣ ନ ଦର୍ଶାଇ ଷ୍ଟଲ ଆବଣ୍ଟନ ପ୍ରକ୍ରିୟା ଏବଂ ଆବେଦନ କରିଥିବା ଦରଖାସ୍ତ ଗୁଡିକ ରଦ୍ଦ କରିବାର ଅଧିକାର ଅଧିକାରୀଙ୍କର ପାଖରେ ଅଛି ।

୯. ଦରଖାସ୍ତକାରୀ ତାଙ୍କର ବ୍ୟକ୍ତିଗତ ସୂଚନାର ଏକ ଘୋଷଣାନାମା ଦାଖଲ କରିବେ ।

୧୦. ଯଦି କୌଣସି ବ୍ୟକ୍ତି ଭୁଲ ତଥ୍ୟ ଯୋଗାଇ କିମ୍ବା ଅନ୍ୟ କାରଣରୁ ଷ୍ଟଲ ପାଇବା ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି, ତେବେ ଅଧିକାରୀ ତାଙ୍କର ଅଧିକାର ବଳରେ ଉକ୍ତ ବ୍ୟକ୍ତିଙ୍କର ଷ୍ଟଲ ଆବଣ୍ଟନକୁ ରଦ୍ଦ କରିପାରିବେ ।

୧୧. ଦରଖାସ୍ତକାରୀ ଅଧିକ ବିବରଣୀ ପାଇଁ , ଅଧିକ୍ଷଣ ଯନ୍ତ୍ରୀ , ଲୋୟର ସୁକତେଲ ପୁନର୍ବାସ , ଥଇଥାନ , ଶିବିର ଓ କୋଠା ବିଭାଗ , ବଲାଙ୍ଗିରଙ୍କ କାର୍ଯ୍ୟାଳୟରୁ ଅଫିସ ସମୟରେ ପାଇପାରିବେ ।

୧୨. <u>ଦୋକାନ ଆବଣ୍ଟନ ପ୍ରକ୍ରିୟା ପାଇଁ ଆହ୍ୱାନ କରିଥିବା ଅଧିକାରୀଙ୍କ ନାମ ଓ ଠିକଣା</u>

ଅଧିକ୍ଷଣ ଯନ୍ତ୍ରୀ ,
ଲୋୟର ସୁକତେଲ ପୁନର୍ବାସ , ଥଇଥାନ , ଶିବିର ଓ କୋଠା ବିଭାଗ ,
ବଲାଙ୍ଗିର ।
ଓଡିଶା – ୭୬୭୦୦୨
email Id- lsrrcbdbgr@gmail.com

ଶିବ ପ୍ରସାଦ ପାଣିଗ୍ରାହୀ ୩.୭.୨୦୨୩
ଅଧିକ୍ଷଣ ଯନ୍ତ୍ରୀ ,
ଲୋୟର ସୁକତେଲ ପୁନର୍ବାସ , ଥଇଥାନ , ଶିବିର ଓ କୋଠା ବିଭାଗ ,
ବଲାଙ୍ଗିର ।

ଜ୍ଞାପକ ସଂଖ୍ୟା ୩୦୪୪ ତାରିଖ - ୩.୦୭.୨୩

ଏହାର ଏକକିତା ନକଲ ଉପ ନିର୍ଦ୍ଦେଶକ ତଥା ଉପ ସଚୀବ(ବିଜ୍ଞାପନ), ସୂଚନା ଓ ଲୋକ ସମ୍ପର୍କ ବିଭାଗ , ଓଡିଶା , ଭୁବନେଶ୍ୱରଙ୍କ ଗୋଚରାର୍ଥେ ଏବଂ ୨ ଗୋଟି ଆଞ୍ଚଳିକ ଓଡିଆ ଖବର କାଗଜରେ ପ୍ରକାଶ କରିବାପାଇଁ ପ୍ରେରଣ କରାଗଲା ।

ଶିବ ପ୍ରସାଦ ପାଣିଗ୍ରାହୀ ୩.୭.୨୦୨୩
ଅଧିକ୍ଷଣ ଯନ୍ତ୍ରୀ

ଜ୍ଞାପକ ସଂଖ୍ୟା ୩୦୪୫ ତାରିଖ - ୩.୦୭.୨୩

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ବଲାଙ୍ଗୀରଙ୍କ ଗୋଚରାର୍ଥେ ତଥା ଜିଲ୍ଲା ୱେବସାଇଟ ରେ ପ୍ରକାଶ କରିବାପାଇଁ ପ୍ରେରଣ କରାଗଲା ।

ଶିବ ପ୍ରସାଦ ପାଣିଗ୍ରାହୀ ୩.୭.୨୦୨୩
ଅଧିକ୍ଷଣ ଯନ୍ତ୍ରୀ

ଜ୍ଞାପକ ସଂଖ୍ୟା ୩୦୪୬ ତାରିଖ - ୩.୦୭.୨୩

ଏହାର ଏକକିତା ନକଲ ଜିଲ୍ଲାପାଳ , ବଲାଙ୍ଗୀରଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ।

ଶିବ ପ୍ରସାଦ ପାଣିଗ୍ରାହୀ ୩.୭.୨୦୨୩
ଅଧିକ୍ଷଣ ଯନ୍ତ୍ରୀ

ଜ୍ଞାପକ ସଂଖ୍ୟା ୩୦୪୭ ତାରିଖ - ୩.୦୭.୨୩

ଏହାର ଏକକିତା ନକଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଲୋୟର ସୁକତେଲ ପ୍ରକଳ୍ପ , ବଲାଙ୍ଗୀରଙ୍କ ଗୋଚରାର୍ଥେ ତଥା ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଶିବ ପ୍ରସାଦ ପାଣିଗ୍ରାହୀ ୩.୭.୨୦୨୩
ଅଧିକ୍ଷଣ ଯନ୍ତ୍ରୀ

ଅ. ପୃ.ଦେ.